# କୃଷି ସୂଚନା ସେବା

## ଭା.କୃ.ଅନୁ.ପ-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୯ ମସିହା ସେପ୍ଟେମ୍ବର ଦ୍ୱିତୀୟ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ଉଚ୍ଚା ଜମିରେ ଶୁଖିଲା ବୁଣାଧାନ:**

- ଉଚ୍ଚା ଜମିରେ ବୁଣା ଧାନରେ ଧାନ ପାଚି ଆସିବା ସମୟରେ ବୁଦାପ୍ରତି ୨ ଟି ବା ପ୍ରତିବର୍ଗମିଟରରେ ୫ଟି ଗନ୍ଧିପୋକ ଦେଖାଦେଲେ, କୀଟନାଶକ ପାଉଡର ମାଲାଥିଅନ୍ ୫% ଏକର ପିଛା ୧୦ କେ.ଜି. କିମ୍ବା ଇଥୋଫେନ୍‌ପ୍ରକ୍ସ ୧୦ ଇସି ଏକର ପିଛା ୨୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇସି ଏକର ପିଛା ୧.୦ ଲିଟର ସିଞ୍ଚନ କରି ଗନ୍ଧିପୋକ ଦମନ କରନ୍ତୁ ।

**ରୁଆଧାନ :**

- ଡେରିରେ ରୁଆ ହୋଇଥିବା ଧାନରେ ପ୍ରଥମ କିସ୍ତିସାର ହିସାବରେ ଏକର ପ୍ରତି ୨୪ କେ.ଜି. ୟୁରିଆ ଏବଂ ୧୩.୫ କେ.ଜି. ଏମ୍.ଓ.ପି ସାର ଧାନ ରୁଆର ୨୦ ରୁ ୨୫ ଦିନ ପରେ ପ୍ରୟୋଗ କରନ୍ତୁ ।

- ସଅଳ ବା ସଠିକ ସମୟରେ ରୁଆଯାଇଥିବା ଧାନରେ ଦ୍ୱିତୀୟ କିସ୍ତିସାର ହିସାବରେ ଏକର ପ୍ରତି ୧୨ କେ.ଜି. ୟୁରିଆ ସାର ଧାନ ରୁଆର ୪୦ ରୁ ୪୫ ଦିନରେ ପ୍ରୟୋଗ କରନ୍ତୁ।

- କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ରୁଆ ଧାନରେ ଏକର ପିଛା ୪ ଟି ହିସାବରେ ଯୌନ ସମେଦନଶୀଳ ଯନ୍ତ୍ରା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତ୍ରା ପ୍ରତି ୪ ରୁ ୫ ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଦିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୦.୪ ଜି. ୪ କେ.ଜି ଔଷଧ ୪ କେ.ଜି. ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫ ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ମାଟିଆ ଗୁଣ୍ଡିପୋକ (ଚକଡା ପୋକ) ବୁଦା ପ୍ରତି ୫ ରୁ ୧୦ ଟି ପୋକ ଦେଖାଦେଲେ ଜମିରେ ପାଣି ବେଶିଦିନ ଜମି ରହିବାକୁ ଦିଅନ୍ତୁ ନାହିଁ । ଜଳ ନିଷ୍କାସନ କରି ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି ଜମି କ୍ରମାଗତ ଭାବେ ଓଦା ବା ଶୁଖିଲା ରହିବ ନାହିଁ । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଏକର ପ୍ରତି ପାଇମେଟ୍ରୋଜିନ ୫୦% ଡବ୍ଲ୍ୟୁ.ଜି ୧୨୦ ଗ୍ରାମ କିମ୍ବା ଡିନୋଟେଫ୍ୟୁରନ ୨୦% ଏସ୍ .ଜି ୮୦ ଗ୍ରାମ କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ % ଏସ୍.ଏଲ ୫୦ ମି.ଲି. କିମ୍ବା ଏସିଫେଟ ୭୫% ଏସ୍.ପି. ୪୦୦ ଗ୍ରାମ ପ୍ରୟୋଗ କରନ୍ତୁ । ସଦାସର୍ବଦା ଉପଯୁକ୍ତ କୀଟନାଶକ ସଠିକ ମାତ୍ରାରେ ବ୍ୟବହାର କରନ୍ତୁ ।

- ବଙ୍ଗୀପୋକ ଦମନ ପାଇଁ ଏକର ପିଛା ଥାଇମିଥୋକ୍ସାମ ୨୫% ଡବ୍ଲ୍ୟୁ.ଜି ୪୦ ଗ୍ରାମ କିମ୍ବା ଫିପ୍ରୋନିଲ ୫% ଏସ୍.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ପତ୍ରପୋଡା, ପତ୍ରପୋଡାଗାର ରୋଗ ଧାନରେ ଦେଖାଦିଏ ତେବେ ପ୍ଲାଣ୍ଟୋମାଇସିନ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ଏକ ଏକର ଜମିରେ ପ୍ରୟୋଗ କରନ୍ତୁ କିମ୍ବା ଏକର ପିଛା ଷ୍ଟ୍ରେପ୍ଟୋସାଇକ୍ଲିନ୍ ୩୦ ଗ୍ରାମ୍ ସହିତ କପରଅକ୍ସିକ୍ଲୋରାଇଡ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ୮ ଦିନ ଅନ୍ତରରେ ୨ ଥର ସିଞ୍ଚନ କରନ୍ତୁ ।

- ମହିଷା ରୋଗ ଦେଖାଦେଲେ ଏକର ପିଛା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ୪୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ଟ୍ରାଇସାଇକ୍ଲାଜୋଲ ୭୫ ଡବ୍ଲ୍ୟୁ.ପି (ବିମ୍-୭୫ କିମ୍ବା ସିଭିକ୍ କିମ୍ବା ଡ୍ରିମ୍) ୧୨୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ପତ୍ରାଚ୍ଛଦ ପୋଡା ରୋଗ ଦେଖାଦେଲେ (i) ଭାଲିଡାମାଇସିନ୍ (କ) ସିଥ୍‌ମାର ୩ ଏଲ୍.୨ ମି.ଲି. ଏକ ଲିଟର ପାଣିରେ କିମ୍ବା (ଖ) ରାଇଜୋସିନ୍ ୩ ଏଲ୍ ୨.୫ ମି.ଲି. ଏକ ଲିଟର ପାଣିରେ କିମ୍ବା (ii) ହେକ୍‌ସାକୋନାଜୋଲ୍ ତଥା କଣ୍ଟାଫ୍ ୫ ଇ.ସି. ୨୦୦ ମି.ଲି. ଏକ ଲିଟର ପାଣିରେ କିମ୍ବା (iii) ଥିଫ୍ଲୁଜାମିଡ୍ ୨୪% ଏସ୍.ସି. ଯଥା ସ୍ପେନ୍‌ସର୍ ୧ ମି.ଲି. ୧ ଲିଟର ପାଣିରେ କିମ୍ବା (iv) କାର୍ବେଣଜିମ୍ ୫୦ ଡବ୍ଲ୍ୟୁ.ପି ଯଥା ବାଭିଷ୍ଟିନ୍ ୨.୫ ଗ୍ରାମ୍ ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

******